# NATIONAL NEWS BULLETIN (ODIA)

## 20 August - 2024

## Mid-Day : 1.50 p.m.

---

# ମୁଖ୍ୟ ସମ୍ବାଦ

- କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାର ଶୁଣାଣି କରି ଜାତୀୟ ଟାସ୍କଫୋର୍ସ ଗଠନ କଲେ ସୁପ୍ରିମକୋର୍ଟ ।

- ୩ ସପ୍ତାହ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଦେବାଲାଗି ନିର୍ଦ୍ଦେଶ ।

- କେନ୍ଦ୍ରୀୟ ହସ୍ପିଟାଲ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି ଲାଗି କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ।

- ତିନିଦିନିଆ ଗସ୍ତରେ ନୂଆଦିଲ୍ଲୀରେ ପହଞ୍ଚିଲେ ମାଲେସିଆ ପ୍ରଧାନମନ୍ତ୍ରୀ, ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ବୈଠକ ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତରପୂର୍ବ ଭାରତରେ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ ବିଭାଗ ।

---

# କୋଲକାତା ଦୁଷ୍କର୍ମ ଘଟଣା-ସୁପ୍ରିମକୋର୍ଟ

କୋଲକାତା ଡାକ୍ତରୀ ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ନିଜଆଡୁ ଆଜି ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି ଆରମ୍ଭ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କର୍ମକ୍ଷେତ୍ରରେ ଲିଙ୍ଗଗତ ହିଂସା, ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ସମ୍ମାନର ସହ କାର୍ଯ୍ୟ କରିବା ଏବଂ ସମସ୍ତ ପ୍ରକାର ଡାକ୍ତରଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଏହି ନ୍ୟାସନାଲ ଟାସ୍କ ଫୋର୍ସରେ ଏସୀଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟାସନାଲ ଗ୍ୟାଷ୍ଟ୍ରୋଲୋଜିର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ନାଗେଶ୍ୱର ରେଡ୍ଡୀ ଏବଂ ସର୍ଜନ ଭାଇସ୍ ଆଡମିରାଲ ଆର୍. କେ. ସରିନ, ଡକ୍ଟର ଏମ୍. ଶ୍ରୀନିବାସ, ଡକ୍ଟର ପ୍ରତିମା ମୂର୍ତ୍ତି, ଡକ୍ଟର ଗୋବର୍ଦ୍ଧନ ଦତ୍ତ ପୁରୀ, ଡକ୍ଟର ସୌମିତ୍ର ରାଓ୍ୱତ, ପ୍ରଫେସର ଅନିତା ସକ୍‌ସେନା, ପ୍ରଫେସର ପଲ୍ଲବୀ ସାପ୍ରେ ଏବଂ ଡକ୍ଟର ପଦ୍ମା ଶ୍ରୀବାସ୍ତବ ପ୍ରମୁଖ ସଦସ୍ୟ ରହିବେ । ପ୍ରଧାନ ବିଚାରପତି ଡି.ଓ୍ୱାଇ. ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି.ପାର୍ଦ୍ଦିଓ୍ୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି କୋଲକାତା ଆର୍.ଜି.କର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଘଟଣା ପରେ ଦୃଢ଼ ପକ୍ଷେପ ନେବାର ଆବଶ୍ୟକତା ରହିଛି । ଏହି ଘଟଣାର ତଦନ୍ତ କରୁଥିବା କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ ସିବିଆଇକୁ ମାମଲାର ଅଗ୍ରଗତି ସମ୍ପର୍କିତ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ କୋଲକାତାର ସମ୍ପୃକ୍ତ ମେଡ଼ିକାଲ କଲେଜରେ ଉତ୍ୟକ୍ତ ଜନସାଧାରଣ ଭଙ୍ଗାରୁଜା କରିଥିବାରୁ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ

ସରକାରଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏନେଇ ଶୀଘ୍ର ରିପୋର୍ଟ ଦାଖଲ ଲାଗି କୁହାଯାଇଛି ।

ସୁପ୍ରିମକୋର୍ଟ ଗଠନ କରିଥିବା ଜାତୀୟ ଟାସ୍କ ଫୋର୍ସ ଆସନ୍ତା ତିନିସପ୍ତାହ ମଧ୍ୟରେ ଅନ୍ତରୀଣ ରିପୋର୍ଟ ଦାଖଲ କରିବେ ଏବଂ ଦୁଇମାସ ମଧ୍ୟରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିବେ । ସୁପ୍ରିମକୋର୍ଟ ଆସନ୍ତା ୨୩ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଲାଗି ସମୟଧାର୍ଯ୍ୟ କରିଛନ୍ତି ।

ସୂଚନାଯୋଗ୍ୟ କୋଲକାତାସ୍ଥିତ ଆର୍.ଜି.କର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚଳିତମାସ ୯ ତାରିଖରେ ଜଣେ ଡାକ୍ତରୀ ପ୍ରଶିକ୍ଷାର୍ଥୀ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ପ୍ରାଥମିକ ଭାବେ ଦୁଷ୍କର୍ମ ଓ ହତ୍ୟା ବୋଲି ଜଣାପଡିଥିଲା । କୋଲକାତା ପୋଲିସ ଏହି ଘଟଣାରେ ଜଣକୁ ଗିରଫ କରିବା ସହିତ ଅନ୍ୟ କେତେଜଣ ସେହି ହସ୍ପିଟାଲର କର୍ମଚାରୀଙ୍କୁ ପଚରାଉଚରା କରିଥିଲା । ପରେ କାଲକାଟା ଉଚ୍ଚନ୍ୟାୟାଳୟ ଘଟଣାର ତଦନ୍ତଭାର ସିବିଆଇ ଉପରେ ନ୍ୟସ୍ତ କରିଥିଲେ । ତେବେ ଡାକ୍ତର ଓ ଡାକ୍ତରୀ ଛାତ୍ରମାନେ ପୀଡିତାଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ଉତ୍ତ୍ୟକ୍ତ ଜନତା ଆର୍.ଜି.କର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ବ୍ୟାପକ ଭଙ୍ଗାରୁଜା କରିଥିଲେ ।

ଏହି ଘଟଣାରେ ପୀଡିତାଙ୍କୁ ତୁରନ୍ତ ନ୍ୟାୟ ଦେବାଲାଗି ସୁପ୍ରିମକୋର୍ଟରେ ଅଭ୍ୟାସ କରୁଥିବା ଦୁଇଜଣ ଆଇନଜୀବୀ ଏବଂ ତେଲେଙ୍ଗାନାର ଜଣେ ଡାକ୍ତର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡଙ୍କୁ ପତ୍ର

ଲେଖି ଅନୁରୋଧ କରିଥିଲେ । ଏହାକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ନିଜଆଡୁ ମାମଲାର ଶୁଣାଣି କରିବା ଲାଗି ନିଷ୍ପତ୍ତି ନେଇଥିଲେ ।

## ଗଭ୍ ହସ୍ପିଟାଲ ଲେଟର

କୋଲକାତା ଆର୍.ଜି.କର ମେଡ଼ିକାଲ କଲେଜ ଘଟଣା ପରେ କେନ୍ଦ୍ରୀୟ ହସ୍ପିଟାଲ ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ୨୫ ପ୍ରତିଶତ ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ଆବଶ୍ୟକତା ଅନୁଯାୟୀ ଅଧିକ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । ଏ ସମ୍ପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହସ୍ପିଟାଲ ଓ ପ୍ରତିଷ୍ଠାନ ଗୁଡ଼ିକୁ ପତ୍ର ଲେଖାଯାଇଛି । ଏଥିରେ ପର୍ଯ୍ୟାପ୍ତ ପରିମାଣର ସିସିଟିଭି କ୍ୟାମେରା ଲଗାଇବା ପାଇଁ କୁହାଯାଇଛି । ବିଶେଷକରି ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, କରିଡର, ଅନ୍ଧାରୁଆ ସ୍ଥାନ ଏବଂ ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ସିସିଟିଭି ସ୍ଥାପନ ସହ ଅଧିକ ସଂଖ୍ୟକ ଉନ୍ନତ ପ୍ରଶିକ୍ଷଣପ୍ରାପ୍ତ ସୁରକ୍ଷାକର୍ମୀ ନିୟୋଜିତ କରିବାକୁ କୁହାଯାଇଛି । ଏହି ପତ୍ରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରତ୍ୟେକଟି ଘଟଣାର ନୀରିକ୍ଷଣ କରିବା, ଖୋଜଖବର ନେବା, ନଜର ରଖିବା ଏବଂ ନିୟମିତ ପାଟ୍ରୋଲିଂ ଉପରେ ପ୍ରାଧାନ୍ୟ ଦେଇଛି । ଏଥିସହିତ ସ୍ଥାନୀୟ ଥାନାଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରିବା ପାଇଁ ମନ୍ତ୍ରଣାଳୟ କହିଛି । ସେହିପରି ମହିଳା ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ କର୍ତ୍ତବ୍ୟକ୍ଷେତ୍ର, ପାର୍କିଂସ୍ଥଳ ଏବଂ ପ୍ରବେଶପଥ ଗୁଡ଼ିକରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ

କୁହାଯାଇଛି । ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ମୌଳିକ ସୁବିଧା ସହିତ ପର୍ଯ୍ୟାପ୍ତ ପରିମାଣର ସୁରକ୍ଷିତ ଡ୍ୟୁଟି ରୁମ୍ ଯୋଗାଇଦେବା ଏବଂ ଗୋଟିଏ ସ୍ଥାନରେ ଜଣେ ବଦଳରେ ଦୁଇଜଣ ଲେଖାଏଁ ମହିଳା କର୍ମଚାରୀଙ୍କୁ ସ୍ୱାସ୍ଥ୍ୟସେବାରେ ନିୟୋଜିତ କରିବାକୁ କୁହାଯାଇଛି ।

ମନ୍ତ୍ରଣାଳୟ କହିଛି ପ୍ରବେଶ ଏବଂ ପ୍ରସ୍ଥାନ ପଥରେ ନିରୀକ୍ଷଣ କାର୍ଯ୍ୟ କେବଳ ଅଧିକୃତ ଅଧିକାରୀଙ୍କ ଦ୍ୱାରା କରାଯିବ ଏବଂ ଡ୍ୟୁଟିରେ ଥିବା ସମୟରେ ହସ୍ପିଟାଲର ସମସ୍ତ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରାଯିବ । ଏହାଛଡା ହସ୍ପିଟାଲରୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷକଙ୍କ ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯିବା ଲାଗି ବ୍ୟବସ୍ଥା କରାଯିବ । ଏହାଛଡା କୌଣସିପ୍ରକାର ହିଂସାତ୍ମକ କାର୍ଯ୍ୟ କ୍ଷେତ୍ରରେ କ'ଣ ଦଣ୍ଡବିଧାନ ରହିଛି ସେ ନେଇ ହସ୍ପିଟାଲ ଗୁଡ଼ିକରେ ଲେଖା ପ୍ରଦର୍ଶିତ ହେବ ।  ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ହସ୍ପିଟାଲରେ ଯେଉଁ ସ୍ଥାନରେ ଲୋକମାନଙ୍କ ଯିବାଆସିବା ନଥିବ ଏବଂ ଅନ୍ଧାରୁଆ ସ୍ଥାନ ରହିଥିବ ସେହିସବୁ କ୍ଷେତ୍ରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବ । ଏହାଛଡା ବିଭିନ୍ନ ସମୟରେ କାର୍ଯ୍ୟକରୁଥିବା ସୁରକ୍ଷା କର୍ମୀ ମାନଙ୍କୁ ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## କୋଲକାତା-ଆର୍‌ଜି କର୍ ମେଡିକାଲ୍

କୋଲକାତାର ଆର୍ ଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଆର୍ଥିକ ଅନିୟମିତତାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ୪ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛନ୍ତି । ପଶ୍ଚିମବଙ୍ଗର ବାରାକପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଜ୍ୟ ପୁଲିସ ଏକାଡେମୀର ମହାନିର୍ଦ୍ଦେଶକ ଆଇପିଏସ୍ ପ୍ରଣବ କୁମାରଙ୍କ ନେତୃତ୍ୱରେ ଏହି ଟିମ୍ ଗଠନ କରାଯାଇଛି । ୨୦୨୧ ଜାନୁଆରୀରୁ ଆଜି ପର୍ଯ୍ୟନ୍ତ ଅର୍ଥନୈତିକ ଗତିବିଧିର ତଦନ୍ତ କରାଯିବ । ଏକ ମାସ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି ।

## ଝାଡ଼ଖଣ୍ଡ ଡକ୍ଟର ଷ୍ଟ୍ରାଇକ୍

କୋଲକାତାର ତାଲିମପ୍ରାପ୍ତ ଡାକ୍ତରଙ୍କୁ ଦୁଷ୍କର୍ମ ହତ୍ୟା ଘଟଣାର ପ୍ରତିବାଦରେ ଝାଡ଼ଖଣ୍ଡରେ କନିଷ୍ଠ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟକୁ ଓହ୍ଲାଇଛନ୍ତି । ଫଳରେ ସମଗ୍ର ରାଜ୍ୟରେ ରୋଗୀସେବା ଗୁରୁତର ପ୍ରଭାବିତ ହୋଇଛି । ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସେସ୍-ରିମ୍‌ସରେ ଭର୍ତ୍ତି ହୋଇଥିବା ୪୦୦ରୁ ଅଧିକ ରୋଗୀ ଚିକିତ୍ସା ସେବା ନପାଇ ଡାକ୍ତରଖାନା ଛାଡିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ

ବୋଲି ଇଣ୍ଡିଆନ୍ ମେଡ଼ିକାଲ ଆସୋସିଏସନ-ଆଇଏମ୍ଏ ଝାଡ଼ଖଣ୍ଡ ଶାଖା ସଚିବ ପ୍ରଦୀପ କୁମାର ସିଂହ କହିଛନ୍ତି ।

## ମାଲେସିଆ ପିଏମ୍ ଆରାଇଭାଲ୍

ମାଲେସିଆର ପ୍ରଧାନମନ୍ତ୍ରୀ ଡାଟୋ ସେରି ଅନୱ୍ୱର ବିନ୍ ଇବ୍ରାହିମ ତିନି ଦିନିଆ ଭାରତ ଗସ୍ତରେ ଗତକାଲି ରାତିରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କେନ୍ଦ୍ର ଜଳଶକ୍ତି ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ଭି ସୋମାନ୍ନା ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ଇବ୍ରାହିମଙ୍କର ଏହା ହେଉଛି ପ୍ରଥମ ଭାରତ ଗସ୍ତ ।

ଆଜି ରାଷ୍ଟ୍ରପତି ଭବନ ପରିସରରେ ଶ୍ରୀ ଇବ୍ରାହିମ୍ଙ୍କୁ  ଆନୁଷ୍ଠାନିକ ସ୍ୱାଗତ କରାଯିବା ପରେ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମାଲେସିଆ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଶ୍ରୀ ଇବ୍ରାହିମ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ପ୍ରଧାନମନ୍ତ୍ରୀ ଅନୱ୍ୱର ଇବ୍ରାହିମଙ୍କୁ ମଧ୍ୟ ଭେଟିବେ ।

# ସେନା ମୁଖ୍ୟ ବୈଠକ

ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଭାରତୀୟ ସେନାର ବିକାଶ ଦିଗରେ ଗ୍ରହଣ କରାଯାଉଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲରେ ଏହାର ଅବଦାନ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେନା ମୁଖ୍ୟାଳୟ, କମାଣ୍ଡ ମୁଖ୍ୟାଳୟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାର ପୁନର୍ଗଠନ ନେଇ ଆବଶ୍ୟକ ଦକ୍ଷତା ଏବଂ ପରିଚାଳନାଗତ ପ୍ରସ୍ତୁତି ସୁନିଶ୍ଚିତ କରିବା ଉପରେ ଆଲୋଚନା ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ଭାରତୀୟ ସେନାର ଧ୍ୟାନ ସମସ୍ତ ଯୁଦ୍ଧାସ୍ତ୍ର, ଯୁଦ୍ଧ ସହାୟକ ଅସ୍ତ୍ରଶସ୍ତ୍ର ଏବଂ ଲଜିଷ୍ଟିକ୍ ୟୁନିଟର ଆଧୁନିକୀକରଣ ଉପରେ ରହିବ। ଭବିଷ୍ୟତରେ ଯୁଦ୍ଧର ଆହ୍ୱାନର ମୁକାବିଲା ପାଇଁ ସେନା, ନୌସେନା ଏବଂ ବାୟୁସେନା ମଧ୍ୟରେ ମିଳିତ ଅଭିଯାନ ବୃଦ୍ଧି ଏବଂ ଏକକୀକରଣ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଭାରତୀୟ ସେନା ସ୍ୱଦେଶୀକରଣ ଉପରେ ଗୁରୁତ୍ୱ ଦେବ, ଘରୋଇ ପ୍ରତିରକ୍ଷା ଶିଳ୍ପକୁ ସମର୍ଥନ କରିବ ଏବଂ ଏକ ଅଗ୍ରଣୀ ପ୍ରତିରକ୍ଷା ରପ୍ତାନୀକାରୀ ଭାବରେ ଦେଶର ସ୍ଥିତିରେ ଉନ୍ନତି ଆଣିବ।

# ପାଣିପାଗ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର-ପୂର୍ବ ଭାରତର ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ପଶ୍ଚିମାବାୟୁ ପ୍ରବାହ ଯୋଗୁଁ ଦେଶର କେନ୍ଦ୍ରୀୟ ଭାଗରେ ଆଜି ମଧ୍ୟମ ଧରଣର ବର୍ଷା ହୋଇଛି । ଉତ୍ତରପ୍ରଦେଶ ଉପରେ ଘୂର୍ଣ୍ଣିବଳୟ ସଞ୍ଚାଳନ ହେତୁ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି । ଆଜି ସକାଳେ ପ୍ରବଳ ବର୍ଷା ଯୋଗୁଁ ରାଜଧାନୀ ଦିଲ୍ଲୀର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି ।